"ମିଠେ ବଚ୍ଚେ: - ତୁମମାନଙ୍କୁ ସାଇଲେନ୍ସ ଅର୍ଥାତ୍ ନିରବରେ ରହି ଏକମାତ୍ର ବାବାଙ୍କୁ ମନେ ପକାଇବାକୁ ହେବ, ଏଥିରେ ଘଣ୍ଟ ଆଦି ବଜାଇବାର ଆବଶ୍ୟକତା ନାହିଁ ।"

ପ୍ରଶ୍ନ:- କେଉଁ କଥାରେ ବାବାଙ୍କ ଭଳି ହୋଇଗଲେ ସବୁ କାମ ସିଦ୍ଧ ହୋଇଯିବ?

ଉତ୍ତର:- ଯେପରି ବାବା ସ୍ନେହର ସାଗର ଅଟନ୍ତି, ସେହିପରି ବହୁତ-ବହୁତ ସ୍ନେହୀ ହୁଅ । କ୍ରୋଧ କରିବା ଦ୍□ାରା କାମ ବିଗିଡିଯାଏ, ଠିକ୍ ହୁଏ ନାହିଁ, ସେଥିପାଇଁ ଆଖି ଦେଖାଇବା, ଜୋରରେ କହିବା, ଗରମ ହେବା - ଏହାର ଆବଶ୍ୟକତା ନାହିଁ । ଶାନ୍ତ ରହିବା ବହୁତ-ବହୁତ ଭଲ । ସ୍ନେହ ଆଧାରରେ ବହୁତ କାର୍ଯ୍ୟ ସିଦ୍ଧ ହୋଇପାରିବ ।

ଗୀତ:- ତୁହ୍ମି ହୋ ମାତା ପିତା...

ଓମ୍ ଶାନ୍ତି । ଏହି ମହିମା ଜଣଙ୍କର ହିଁ ଅଟେ । କିନ୍ତୁ ଭକ୍ତିମାର୍ଗରେ କେବଳ ଜଣଙ୍କର ମହିମା ଗାଇବା ଦ୍□ାରା ଭକ୍ତିର ପ୍ରଦର୍ଶନ ହୋଇ ନ ଥାଏ ସେଥିପାଇଁ ଭକ୍ତିରେ ଅନେକଙ୍କର ମହିମା ଗାନ କରିଥାଆନ୍ତି । ସେଠାରେ ଧ୍□ନି ମଧ୍ୟ ବହୁତ ହୋଇଥାଏ । ଭକ୍ତିମାର୍ଗରେ ଘଣ୍ଟ ମୃଦଙ୍ଗ, ବାଜା, ଗୀତ-ଭଜନ, କନ୍ଦା-କଟା ଇତ୍ୟାଦି ଚାଲିଥାଏ । ଭିନ୍ନ-ଭିନ୍ନ ପ୍ରକାରର ଶବ୍ଦ ମନ୍ତ୍ର-ଯନ୍ତ୍ର, ସ୍ତୁତି ଆଦି ଗାନ କରିଥା'ନ୍ତି । ଜ୍ଞାନମାର୍ଗରେ ରହିଛି ସାଇଲେନ୍ସ ବା ନିରବତା । ଏଠାରେ କେବଳ ଇଶାରା ଦିଆଯାଇଥାଏ, ଶବ୍ଦ କିଛି ହୋଇ ନ ଥାଏ । ଭକ୍ତିରେ କେତେ ଧୂମ୍ଧାମ୍ ରହିଛି । ସବୁଠାରୁ ଅଧିକ ଘଣ୍ଟ ଶିବ ମନ୍ଦିରରେ ବାଜିଥାଏ, ଯେଉଁଠି ଦେଖ ଘଣ୍ଟ ହିଁ ଘଣ୍ଟ ରହିଛି । କାହାକୁ ନିଦରୁ ଉଠାଇବା ପାଇଁ ଘଣ୍ଟ ବଜାଯାଇ ନ ଥାଏ । ଶିବବାବା ଆସି ମନୁଷ୍ୟମାନଙ୍କୁ କୁମ୍ଭକର୍ଣ୍ଣର ଅଜ୍ଞାନ ନିଦ୍ରାରୁ ଜାଗ୍ରତ କରିଛନ୍ତି, କିନ୍ତୁ ବାବା କୌଣସି ଘଣ୍ଟ ବଜାଉ ନାହାଁନ୍ତି । ଶାନ୍ତିପୂର୍ବକ ଦୁଇଟି ଅକ୍ଷରରେ ହିଁ ବୁଝାଉଛନ୍ତି । ଯେଉଁମାନେ ବୁଦ୍ଧିବାନ୍ ହୋଇଥାନ୍ତି ସେମାନେ ଦୁଇଟି ଅକ୍ଷରରେ ହିଁ ବୁଝିଯାଇଥାନ୍ତି । ବାବା କହୁଛନ୍ତି ପିଲାମାନେ - ମୋତେ ମନେ ପକାଅ । ତୁମ୍ଭେମାନେ ହିଁ ମୋତେ ଡାକିଛ ଯେ ହେ ପତିତ-ପାବନ ଆସ । ଏବେ ମୁଁ ଆସି ତୁମମାନଙ୍କୁ ରାସ୍ତା ବତାଉଛି । ତୁମକୁ କ'ଣ ପତିତ ହୋଇ ଏହି ଦୁନିଆରେ ହିଁ ରହିବାର ଅଛି! ତୁମେମାନେ ତ ପବିତ୍ର ଦୁନିଆରେ ରହିବାକୁ ଚାହୁଁଛ ନା । ପବିତ୍ର ଦୁନିଆ ସ୍□ର୍ଗକୁ କୁହାଯାଏ । କହୁଛନ୍ତି ମଧ୍ୟ ହେ ପତିତ-ପାବନ, ତେବେ ବୁଝିବା ଦରକାର ନା ପତିତ-ପାବନ ଆସି କ'ଣ କରିବେ? ନିଶ୍ଚିତ ନର୍କରୁ ସ୍□ର୍ଗକୁ ନେଇଯିବେ । କିଛି ନ ବୁଝି ଏମିତି ହିଁ ଡାକୁଛନ୍ତି, ତାଳି ବଜାଉଛନ୍ତି । କିନ୍ତୁ ଏକଥା ଜାଣିନାହାଁନ୍ତି ଯେ ଯଦି ବାବା ଆସିବେ ତେବେ ଆସି କ'ଣ କରିବେ? ବାସ୍ତବରେ ଏହା ମନୁଷ୍ୟରୁ ଦେବତା ହେବା ପାଇଁ ବିଶ୍□ ବିଦ୍ୟାଳୟ ମଧ୍ୟ ଅଟେ, ସେଥିପାଇଁ ଗାଉଛ ମନୁଷ୍ୟକୁ ଦେବତା କଲେ... ଏଥିରେ ଶାସ୍ତ୍ର ଆଦି କିଛି ପଢିବାର ନାହିଁ । ଭକ୍ତିମାର୍ଗରେ ବହୁତ ଶାସ୍ତ୍ର ଆଦି ପଢିଥାନ୍ତି, ଅନେକ ଭାଷଣ ଆଦି ହୋଇଥାଏ । ମାସ-ମାସ ଧରି ମଣ୍ଡପ ତିଆରି କରି ଭାଷଣ କରିଥାନ୍ତି । ଏଠାରେ କେତେ ଶାନ୍ତିରେ ବାବା ବସି ବୁଝାଉଛନ୍ତି । ଦେଖ, ତୁମକୁ ବାବା ଆସି ପବିତ୍ର କରାଇ, ପବିତ୍ର ଦୁନିଆର ମାଲିକ କରୁଛନ୍ତି । ଏହି ପାଠପଢା ମଧ୍ୟ କେତେ ସହଜ । ତୁମେ ପ୍ରଥମେ ପବିତ୍ର ଥିଲ, ସ୍□ର୍ଣ୍ଣିମ ଯୁଗରେ ଥିଲ । ପୁଣି ୮୪ ଜନ୍ମ ନେଇ ଲୌହଯୁଗରେ ତମୋପ୍ରଧାନ ହୋଇଯାଇଛ । ଏବେ ତୁମମାନଙ୍କୁ ସତ୍□ପ୍ରଧାନ ହେବାକୁ ପଡିବ ସେଥିପାଇଁ ମୋତେ ମନେ ପକାଅ । ତାହା ମଧ୍ୟ ଅଜପାଜପ । ଯେପରି କନ୍ୟାର ଯେତେବେଳେ ବିବାହ ହୋଇଥାଏ ତେବେ କ'ଣ ସିଏ ସ୍□ାମୀର ନାମକୁ ଜପ କରିଥାଏ କି? ସିଏ ତାଙ୍କୁ ମନେ ପକାଇଥାଏ । ତୁମେମାନେ ବି ସମସ୍ତେ ଶିବବାବାଙ୍କର ପତ୍ନୀ ଅଟ, ଶିବବାବା ପତିମାନଙ୍କର ପତି ଅଟନ୍ତି । ପରମାତ୍ମାଙ୍କ ସହିତ ତୁମର ନିର୍ବନ୍ଧ ହୋଇଛି । ଯେବେ ନିର୍ବନ୍ଧ ହୋଇଗଲା ତେବେ ବାବାଙ୍କ ସ୍ମୃତି ବୁଦ୍ଧିରେ ରହିଗଲା । ଥରେ ବୁଦ୍ଧିରେ ରହିଗଲା ଯେ ମୁଁ ନିର୍ବନ୍ଧ କରିନେଲି । ତାପରେ ଜଣେ ଅନ୍ୟ ଜଣଙ୍କୁ ମନେ ପକାଇଥା'ନ୍ତି । ତୁମମାନଙ୍କୁ ମଧ୍ୟ ବାବା କହୁଛନ୍ତି ଯେ ଏବେ ତୁମ ବୁଦ୍ଧିରେ ନିଶ୍ଚୟ ଆସିଗଲା କି ଆମେ ଏକମାତ୍ର ବାବାଙ୍କର ସନ୍ତାନ ପରସ୍ପର ମଧ୍ୟରେ ଭାଇ-ଭାଇ ଅଟୁ । ଭାଇମାନଙ୍କୁ ସମ୍ପତ୍ତି ମିଳିଥାଏ - ଏକମାତ୍ର ପିତାଙ୍କଠାରୁ, ସେଥିପାଇଁ ତାଙ୍କୁ ଡାକୁଛନ୍ତି । ଯଦିଓ ଆତ୍ମା ମନୁଷ୍ୟ ଶରୀର ଧାରଣ କଲା ପରେ ଭାଇ-ଭଉଣୀ ହୋଇଯାଉଛନ୍ତି, କିନ୍ତୁ ଆତ୍ମା ହିଁ ଡାକୁଛି ନା ।

ଆତ୍ମା ଭାଇ ଡାକୁଛି ଯେ ହେ ପତିତ-ପାବନ ବାବା ଆସ । ବାବା କହୁଛନ୍ତି - ମୋତେ ମନେ ପକାଇଲେ ତମୋପ୍ରଧାନରୁ ସତ୍ତ୍□ପ୍ରଧାନ ହୋଇଯିବ । ପବିତ୍ରକୁ ସତ୍ତ୍□ପ୍ରଧାନ, ପତିତକୁ ତମୋପ୍ରଧାନ କୁହାଯାଏ । ଏହି କଥା ବାବା ସଂଗମଯୁଗରେ ହିଁ ବୁଝାଉଛନ୍ତି । ଏହା ହେଉଛି ଗୀତା ପାଠଶାଳା । ଏହି ପାଠଶାଳାରେ ବାବା ଆସି ରାଜଯୋଗ ଶିଖାଉଛନ୍ତି, ନରରୁ ନାରାୟଣ କରୁଛନ୍ତି । ସ୍କୁଲମାନଙ୍କରେ ଶିକ୍ଷକ ତ ସମ୍ମୁଖରେ ବସି ପାଠ ପଢାଇଥାନ୍ତି, ତେଣୁ ତାଙ୍କୁ ସମସ୍ତେ ଦେଖିପାରିଥାଆନ୍ତି । କିନ୍ତୁ ଏଠାରେ ବାବା ହେଲେ ଗୁପ୍ତ । ତେବେ ଏହି ଶିକ୍ଷକଙ୍କୁ ମଧ୍ୟ ବୁଦ୍ଧିଯୋଗ ଦ୍□ାରା ଅନୁଭବ କରିବାକୁ ପଡିଥାଏ । ଇଏ ନିରାକାର ପତିତ-ପାବନ ବାବା ଅଟନ୍ତି । ବାବା ହିଁ ଆମକୁ ମନେ ପକାଇ ଦେଉଛନ୍ତି ଯେ କଳ୍ପ ପୂର୍ବରୁ ମଧ୍ୟ ମୁଁ ତୁମମାନଙ୍କୁ ରାଜଯୋଗ ଶିଖାଇଥିଲି । ସେଥିପାଇଁ କୁହାଯାଉଛି ମନମନାଭବ, ପବିତ୍ର ହୁଅ ତେବେ ଏହିପରି ଲକ୍ଷ୍ମୀ-ନାରାୟଣ ହୋଇଯିବ । ଏଥିରେ ଘଣ୍ଟ ମୃଦଂଗ ଇତ୍ୟାଦି ବଜାଇବା ଦରକାର ନାହିଁ । ବାବା ନିଜେ ଆସି ଜାଗ୍ରତ କରାଉଛନ୍ତି । ମନମନାଭବର ଅର୍ଥ ହେଉଛି ସାଇଲେନ୍ସ ବା ନିରବତା ନିଜକୁ ଆତ୍ମା ଭାବ । ବାସ୍, ଏବେ ଆମକୁ ନିଜର ଘରକୁ ଯିବାକୁ ହେବ । ବାବାଙ୍କୁ ହିଁ ସମସ୍ତେ କହୁଛନ୍ତି ଯେ ଦୁଃଖରୁ ମୁକ୍ତ କର । ସନ୍ନ୍ୟାସୀମାନେ କେବଳ ବ୍ରହ୍ମକୁ ମନେ ପକାଇଥା'ନ୍ତି । ବ୍ରହ୍ମତତ୍ତ୍□ ତ ହେଉଛି ଆମର ଘର । ସେମାନେ ଘରକୁ ସ୍ମରଣ କରୁଛନ୍ତି, ଏଠାରେ ତ ବାବାଙ୍କୁ ମନେ ପକାଇବାକୁ ହେବ । ଯଦି କେବଳ ଘରକୁ ମନେ ପକାଇବ, ତେବେ ସନ୍ନ୍ୟାସୀଙ୍କ ପରି ହୋଇଯିବ । ବ୍ରହ୍ମତତ୍ତ୍□ ତ ଭଗବାନ ନୁହେଁ ।

ବାବା ବସି ବୁଝାଉଛନ୍ତି - ମୋତେ ମନେ ପକାଇଲେ ତୁମେ ନିର୍ବାଣଧାମକୁ ଚାଲିଯିବ । ପୁଣି ସେଠାରୁ ସ୍□ର୍ଗକୁ ଆସିବ । ଏଠାରୁ ମୁଁ ତୁମମାନଙ୍କୁ ସାଥିରେ ନେଇଯିବି । ତୁମେ ଜାଣିଛ ପଙ୍ଗପାଳମାନଙ୍କର ଦଳ କେତେ ବଡ ହୋଇଥାଏ । ସେମାନଙ୍କ ଭିତରେ ଏକତା ଥାଏ । ପ୍ରଥମରେ ଆଗରେ ଉଡୁଥିବା ପତଙ୍ଗ ଯଦି ବସିଯିବ ତେବେ ସମସ୍ତେ ବସିଯିବେ । ମହୁମାଛିମାନଙ୍କର ମଧ୍ୟ ଏହିଭଳି ହୋଇଥାଏ । ଯଦି ରାଣୀ ମହୁମାଛି ଘର ଛାଡି ଦେଲା, ତେବେ ସମସ୍ତେ ତା' ପଛରେ ଯାଇଥାନ୍ତି । ରାଣୀ ମହୁମାଛି ଯେପରି ସେମାନଙ୍କର ପ୍ରଭୁ । ସେମାନଙ୍କ ଭିତରେ ପୁଣି ରାଣୀ ହିଁ ସାଥୀମାନଙ୍କ ଉପରେ ରାଜତ୍ୱ କରିଥାଏ । ଗାସ୍ତ୍ରରେ ମଧ୍ୟ ରହିଛି ଆତ୍ମାମାନେ ମଗା ସଦ୍ଗତ ଘରକୁ ଯିବେ । ଅଗଣିତ ଆତ୍ମା ଅଛନ୍ତି । ସେହି ମହୁମାଛିମାନେ ପ୍ରତ୍ୟେକ ଋତୁରେ ନିଜର ରାଣୀଙ୍କ ପଛରେ ଉଡି ଚାଲିଥାନ୍ତି । ତୁମକୁ ତ ଥରେ ମାତ୍ର ବାବାଙ୍କ ସହିତ ଯିବାକୁ ହେବ । ଏବେ ସବୁ ଆତ୍ମାମାନଙ୍କୁ ମୂଳବତନକୁ ଯିବାକୁ ହେବ । ତୁମର କୌଣସି ବି ଶବ୍ଦ ନାହିଁ, ସେଥିପାଇଁ ବାବା ଉଦାହରଣ ଦେଉଛନ୍ତି । ଗୋରିଷ ଦାନା ସଦ୍ଗତ ସମସ୍ତେ ପେଷି ହୋଇଯିବେ । ବାବା ମଧ୍ୟ ବିନ୍ଦୁ, ଗୋରିଷ ଦାନା ଭଳି ଅଟନ୍ତି । ପୋସ୍ତକ ଦାନା ମଧ୍ୟ ବହୁତ ଛୋଟ । ପରମାତ୍ମା ମଧ୍ୟ ବିନ୍ଦୁ ଅଟନ୍ତି । ତାଙ୍କୁ ଦିବ୍ୟ ଦୃଷ୍ଟି ବିନା ଦେଖି ହୁଏ ନାହିଁ । ଅତ୍ୟନ୍ତ ଛୋଟ ତାରକା ସଦ୍ଗତ ଅଟନ୍ତି । ଗୀତାରେ ଦେଖାଇଛନ୍ତି ଅଖଣ୍ଡ ଜ୍ୟୋତିର ସାକ୍ଷାତ୍କାର ହେଲା, ତେବେ ଏଠାରେ ମଧ୍ୟ ଯଦି ଅଖଣ୍ଡ ଜ୍ୟୋତିର ସାକ୍ଷାତ୍କାର ହେବ ତେବେ ବୁଝିବେ ଯେ ସାକ୍ଷାତ୍କାର ହେଲା । କିନ୍ତୁ ଯଦି ବିନ୍ଦୁର ସାକ୍ଷାତ୍କାର ହେଲା ତେବେ ଇଏ ପରମାତ୍ମା ଅଟନ୍ତି ବୋଲି ବୁଝିପାରିବେ ନାହିଁ । ଗୀତାରେ ଲେଖାଯାଇଛି - ଅର୍ଜୁନଙ୍କୁ ବହୁତ ତେଜମୟ ରୂପର ସାକ୍ଷାତ୍କାର ହେଲା । ଭକ୍ତିର କଥା ସେମାନଙ୍କ ବୁଦ୍ଧିରେ ଭର୍ତ୍ତି ହୋଇ ରହିଛି । ଭକ୍ତିମାର୍ଗ ଏବଂ ଜ୍ଞାନମାର୍ଗ ମଧ୍ୟରେ ରାତି-ଦିନର ପାର୍ଥକ୍ୟ ରହିଛି । ତୁମେମାନେ ଜାଣିଛ ଯେ ଆମେମାନେ ୬୩ ଜନ୍ମରେ ଏହି ଶରୀର ଦ୍□ାରା କେତେ ନୃତ୍ୟ କରିଛୁ । ଆମେ ୬୩ ଜନ୍ମ ଭକ୍ତିମାର୍ଗର କେତେ ହଙ୍ଗାମା ଦେଖିଛୁ । ସେଥିରେ ମଧ୍ୟ ପ୍ରଥମେ ଯେବେ ସତ୍ତ୍□ପ୍ରଧାନ ଭକ୍ତି ଥିଲା ସେତେବେଳେ ଏକମାତ୍ର ଶିବବାବାଙ୍କର ଭକ୍ତି କରୁଥିଲୁ । ଏହି ଗଙ୍ଗା ସ୍ନାନ ଆଦି ପରେ ଆରମ୍ଭ ହୋଇଛି । ପ୍ରଥମେ ଅବ୍ୟଭିଚାରୀ ଭକ୍ତି ହୋଇଥାଏ, ପୁଣି ପରେ ଏହାର ବୃଦ୍ଧି ହୋଇଥାଏ । ଏଠାରେ ତ ସମ୍ପୂର୍ଣ୍ଣ ସାଇଲେନ୍ସ ଅର୍ଥାତ୍ ନିରବରେ ବାବାଙ୍କୁ ମନେ ପକାଉଛନ୍ତି । ବିନା କଉଡି ଖର୍ଚ୍ଚରେ ତୁମେ ବିଶ୍□ର ମାଲିକ ହୋଇଯାଉଛ । ମମ୍ମା ବିନା ପଇସାରେ ଆସିଥିଲେ ଏବଂ ବିଶ୍□ର ମହାରାଣୀ ହୋଇଗଲେ । ଇଏ ସାଧାରଣ ଏବଂ ଗରୀବ ଘରର ଥିଲେ ପୁଣି ବିନା କଉଡି ଖର୍ଚ୍ଚରେ ଦେଖ କ'ଣ ହେଉଛନ୍ତି । ମମ୍ମା ବହୁତ ସେବା କରୁଥିଲେ । ଅନ୍ୟମାନଙ୍କୁ ଯାଇ ବୁଝାଉଥିଲେ ଯେ ବାବା କହୁଛନ୍ତି ଯେ ମୋତେ ମନେ ପକାଇଲେ ତୁମର ବିକର୍ମ ବିନାଶ ହୋଇଯିବ ଏବଂ ତୁମେ ସତ୍ତ୍□ପ୍ରଧାନ ହୋଇଯିବ । ଏଥିରେ ଖର୍ଚ୍ଚର କୌଣସି କଥା ହିଁ ନାହିଁ । ଯଦି କେହି କିଛି ଖର୍ଚ୍ଚ କରୁଛନ୍ତି, ତେବେ ତାହା ନିଜ ପାଇଁ । ଯେପରି କ୍ଷେତରେ ଦୁଇମୁଠା ଧାନ ବୁଣିବା ଦ୍□ାରା କେତେ ଢେର ଧାନ ହୋଇଥାଏ । ଫସଲ କେତେ ଅଧିକ ଅମଳ ହୋଇଥାଏ । ଏଠାରେ ମଧ୍ୟ ୨୧

ଜନ୍ମ ପାଇଁ ତୁମର କେତେ ଆମଦାନୀ ହେଉଛି । ମନୁଷ୍ୟରୁ ଦେବତା ହେବା କେତେ ସହଜ ଅଟେ । ଏହା ଗୋଟିଏ ସେକେଣ୍ଡର କଥା । ଦେଖ କେତେ ସାଧାରଣ ଭାବରେ ବସିଛନ୍ତି । ଯଦି କେହି ବସି ପାରୁନାହାଁନ୍ତି ତେବେ ବାବା କହୁଛନ୍ତି ଗୋଇ ରହି ମଧ୍ୟ ମୁରଲୀ ଶୁଣ । ଏହା ହେଉଛି ଧାରଣାର କଥା । ମନ ଭିତରେ ବାବା ଏବଂ ଚକ୍ରକୁ ମନେ ପକାଅ । ବାବାଙ୍କ ସ୍ମୃତିରେ ରହି ଏହି ଶରୀର ତ୍ୟାଗ କରିବାକୁ ହେବ । ମୁଖରେ ଗଙ୍ଗା ଜଳ ଢାଳିବାର କୌଣସି କଥା ନାହିଁ । ଗୁରୁ ଗୋସାଇଁମାନେ ତ ଡରାଇଥାନ୍ତି ଯେ ଯଦି ତୁମେ ଏହି ନିୟମ ଭାଙ୍ଗିବ, ଭକ୍ତି ନ କରିବ, ତେବେ ଏହିପରି ଅଘଟଣ ଘଟିବ । ଧରିନିଅ କାହାର ଗୋଡ ଭାଙ୍ଗିଗଲା ଅଥବା କିଛି କ୍ଷତି ହେଲା ତେବେ କହିବେ ତୁମେ ଭକ୍ତି କରିବା ଛାଡିଦେଲ, ତେଣୁ ଏହି ଫଳ ମିଳିଲା, ଏହିପରି ଭାବି ସିଏ ଡରିଯାଇଥାନ୍ତି । ଏଠାରେ ତ ସେସବୁ କିଛି କରିବାର ନାହିଁ, କେବଳ ବାବାଙ୍କୁ ସ୍ମୃତିରେ ଆଣିବାକୁ ହେବ । ଚକ୍ରର ରହସ୍ୟ ବୁଝାଇବାକୁ ହେବ । ବର୍ତ୍ତମାନ କଳିଯୁଗ ପରେ ସତ୍ୟଯୁଗ ଆସିବ, ବିନାଶ ନିଶ୍ଚୟ ହେବ, ସେଥିପାଇଁ ଏହି ମହାଭାରତ ଲଢେଇ ଲାଗିବ । ଭଗବାନ ଆସି ରାଜଯୋଗ ଶିଖାଇ ନରରୁ ନାରାୟଣ କରୁଛନ୍ତି । ଏହା ରାଜଯୋଗ ଅଟେ, ପ୍ରଜାଯୋଗ ନୁହେଁ । ସମସ୍ତଙ୍କୁ ଶୁଭକଥା କହିବା ଉଚିତ୍ । ପିଲାମାନଙ୍କୁ ବହୁତ ମିଠା ସ୍□ଭାବଯୁକ୍ତ ହେବାର ଅଛି । ବାବା ମିଠା ଅଟନ୍ତି ନା । କ୍ରୋଧ ଆଦି ସବୁ ବିକାର ବାବା ଦାନରେ ନେଇଯାଉଛନ୍ତି । ବାବା କହୁଛନ୍ତି - ମୁଁ ସ୍ନେହର ସାଗର ଅଟେ, ତୁମେ ମଧ୍ୟ ସେହିପରି ହୁଅ । ବାବା ବହୁତ ସ୍ନେହର ସହିତ ବୁଝାଉଛନ୍ତି । ନଚେତ୍ ପିଲାମାନେ ବହୁତ ଗଣ୍ଡଗୋଳ କରୁଛନ୍ତି କାରଣ ମାୟା ମୁଣ୍ଡ ଖରାପ କରିଦେଉଛି, ସେଥିପାଇଁ ଖିଆଲ ଆସୁଛି ଯେ କେବେ ବି କାହାକୁ କିଛି କଡା କଥା କହିବାର ନାହିଁ । ସ୍ନେହର ସହିତ ବୁଝାଇବାକୁ ହେବ । ଆଖି ଦେଖାଇବା, ଗରମ ହେବା, ଜୋରରେ କହିବା, ଏହାର ଆବଶ୍ୟକତା ନାହିଁ । ଏହା ଦ୍□ାରା କାମ ବିଗିଡିଯାଇଥାଏ । ଶାନ୍ତ ରହିବା ବହୁତ ଭଲ । ବିକାର ଗୁଡିକୁ ଦାନ ଦେଇ ଯଦି ପୁଣି ଫେରାଇ ନେବ, ତେବେ ନିଜର ପଦ ହରାଇବ । ବାବାଙ୍କର ସନ୍ତାନ ହୋଇଗଲ ଅର୍ଥାତ୍ ୫ ବିକାରଗୁଡିକର ଦାନ ଦେଇ ଦେଲ । କହିଥାନ୍ତି ଦାନ ଦେଲେ ଦଶା କଟିଯିବ । ତଥାପି ବାବା ପଣ୍ଡା ଅଟନ୍ତି ନା, ପଣ୍ଡା ବ୍ରାହ୍ମଣ ହୋଇଥାନ୍ତି । ଶିବବାବା ବି ରୁହାନୀ ପଣ୍ଡା ଅଟନ୍ତି । ତୁମେ ବି ପଣ୍ଡା ଅଟ । ବାବା ବ୍ରହ୍ମାଙ୍କ ଶରୀରରେ ଆସୁଛନ୍ତି, ତେଣୁ ଇଏ ମଧ୍ୟ ବ୍ରାହ୍ମଣ ହେଲେ । ବାବା ଏହାଙ୍କ ଶରୀରର ଭ୍ରୃକୁଟୀ ମଧ୍ୟରେ ବସିଛନ୍ତି, ତାଙ୍କର ମହିମା ଗାଉଛନ୍ତି ତୁମେ ମାତ-ପିତା..... ଆଉ କାହାର ଏହି ମହିମା ନାହିଁ । ତାଙ୍କର କର୍ତ୍ତବ୍ୟ ଏହିଭଳି ଅଟେ । ଏହା ପାଠଶାଳା । ବାବା ଏଠାରେ ପାଠ ପଢାଉଛନ୍ତି । ଏକଥା ପିଲାମାନଙ୍କର ମନେ ରହିବା ଦରକାର । ଏଠାକାର ଲକ୍ଷ୍ୟ ହିଁ ହେଉଛି ବିଶ୍□ର ବାଦଶାହୀ ନେବା । ତେଣୁ ଏପରି ଶିକ୍ଷକଙ୍କୁ ଭଲ ଭାବରେ ମନେ ପକାଇବା ଆବଶ୍ୟକ । ସ୍କୁଲରେ ଯେଉଁ ପିଲାମାନେ ପରୀକ୍ଷାରେ ପାସ୍ ହୋଇଥାନ୍ତି ତେବେ ବର୍ଷ-ବର୍ଷ ଧରି ଶିକ୍ଷକଙ୍କ ପାଖକୁ ଉପହାର ପଠାଇଚାଲିଥାନ୍ତି । ଏହି ପର୍ବପର୍ବାଣୀ ଆଦି ସବୁ ବର୍ତ୍ତମାନ ସମୟର ଅଟେ, କିନ୍ତୁ ଏହାର ମହତ୍□କୁ କେହି ଜାଣିନାହାଁନ୍ତି ।

ବାବା ହେଉଛନ୍ତି ଜ୍ଞାନର ସାଗର । ସିଏ ଆସୁଛନ୍ତି ରଚନାର ଆଦି-ମଧ୍ୟ-ଅନ୍ତର ଜ୍ଞାନ ଦେବା ପାଇଁ । ତେଣୁ ସିଏ ମାଟି-ଗୋଡି ଭିତରେ କିପରି ଆସିବେ? ଜଣେ ଡାକ୍ତର ସିଦ୍ଧ କରି କହିଥିଲେ ଯେ ପ୍ରତ୍ୟେକ ଜିନିଷରେ ଆତ୍ମା ଅଛି । ସିଏ ପରମାତ୍ମା ଅଛନ୍ତି ବୋଲି କହିନଥିଲେ । ପୁଣି ଏମାନେ କହିଦେଉଛନ୍ତି - ଈଶ୍□ର ସର୍ବବ୍ୟାପୀ । ସେମାନେ କହିଲେ ସମସ୍ତଙ୍କ ଭିତରେ ଆତ୍ମା ଅଛି, କିନ୍ତୁ ସନ୍ନ୍ୟାସୀମାନେ କହୁଛନ୍ତି ଯେ ସମସ୍ତଙ୍କ ଭିତରେ ପରମାତ୍ମା ଅଛନ୍ତି । ଏଥିରେ କେତେ ରାତି-ଦିନର ପାର୍ଥକ୍ୟ ରହିଛି । ସିଏ ତ ଅବିନାଶୀ ବାବା ଅଟନ୍ତି । ସିଏ ସମସ୍ତଙ୍କ ଠାରୁ ବୁଦ୍ଧିଯୋଗ ତୁଟାଇ ନିଜ ସହିତ ଯୋଡୁଛନ୍ତି । ସେମାନେ ଅର୍ଥାତ୍ ବ୍ରହ୍ମଜ୍ଞାନୀମାନେ କହୁଛନ୍ତି ଆତ୍ମା ପାଣିଫୋଟକା ସଦୃଶ, ସାଗରରୁ ବାହାରିଛି ପୁଣି ସାଗରରେ ଲୀନ ହୋଇଯିବ । ଏହା ମଧ୍ୟ କୁହନ୍ତି - ଛୋଟ ଜ୍ୟୋତି ବଡ ଜ୍ୟୋତିରେ ଲୀନ ହୋଇଯାଏ, ପୁଣି ନୂଆ ଉତ୍ପତ୍ତି ହୋଇଥାଏ । ବାବା ବୁଝାଉଛନ୍ତି ଏଇ ଭକ୍ତି କରିବା ମଧ୍ୟ ଡ୍ରାମାରେ ନିର୍ଦ୍ଧାରିତ ହୋଇ ରହିଛି । ମୁଁ ମଧ୍ୟ ଡ୍ରାମାର ନିର୍ଦ୍ଧାରିତ ସମୟ ଅନୁସାରେ ତୁମମାନଙ୍କୁ ଆସି ବୁଝାଉଛି । ତୁମେ ୮୪ ଜନ୍ମର ଯେଉଁ ଚକ୍ର ଲଗାଉଛ, ଏହା ମଧ୍ୟ ଡ୍ରାମାରେ ନିର୍ଦ୍ଧାରିତ ଅଛି । ଯାହା କିଛି ହେଉଛି ସବୁ ଡ୍ରାମାରେ ନିହିତ ହୋଇ ରହିଛି । କେହି କେହି ଏହାର ଗାୟନ ମଧ୍ୟ କରୁଛନ୍ତି, କେହି ପୁଣି ବିଘ୍ନ ମଧ୍ୟ ପକାଉଛନ୍ତି ।

ତୁମମାନଙ୍କୁ ଶିବବାବାଙ୍କଠାରୁ ସମ୍ପତ୍ତି ନେବାକୁ ହେବ । ସିଏ ଆସୁଛନ୍ତି ସମସ୍ତ ଆତ୍ମାଙ୍କୁ ନେଇଯିବା ପାଇଁ ।

ବାବା କାହାରି ଶରୀରର ନାମ ମଧ୍ୟ ନେଉ ନାହାଁନ୍ତି । ମୁଁ ଶରୀର ସହିତ କାହାକୁ ନେବାକୁ ଆସି ନାହିଁ । ମୋତେ ତ କହୁଛନ୍ତି ହେ ମୁକ୍ତିଦାତା ଆସ । ଆମକୁ ଦୁଃଖରୁ ମୁକ୍ତ କରି ଅନନ୍ୟ ସ୍ଥାନକୁ ନେଇଚାଲ । ଯେଉଁଠାରେ ଆରାମ, ସୁଖ-ଶାନ୍ତି ପାଇବୁ । ତେଣୁ ସମସ୍ତଙ୍କର ଶରୀରକୁ ଏହିଠାରେ ହିଁ ତ୍ୟାଗ କରାଇ, ମୁଁ ଆତ୍ମାମାନଙ୍କୁ ଘରକୁ ନେଇଯିବି । ତେଣୁ ମୁଁ କାଳର କାଳ ଅର୍ଥାତ୍ ମହାକାଳ ହେଲି ନା । ମୁଁ ସମସ୍ତଙ୍କୁ ଏକାଠି ନେଇଯିବି । ବାବା କେତେ ଆଶ୍ଚର୍ଯ୍ୟଜନକ କଥା ବୁଝାଉଛନ୍ତି । ଯଦି କେଉଁଠାରେ କୌଣସି କଥା ବୁଝିପାରୁନାହଁ, ତେବେ କୁହ ଏହି କଥା ତ ବାବା ବର୍ତ୍ତମାନ ବୁଝାଇ ନାହାଁନ୍ତି । ଯେବେ ବୁଝାଇବେ ତେବେ ଆପଣଙ୍କୁ ଶୁଣାଇବୁ ଏହିଭଳି କହି ନିଜକୁ ସେଠାରୁ ଦୂରେଇ ନେବା ଦରକାର । ପିଲାମାନେ ଜାଣିଛନ୍ତି ବାବା ଜ୍ଞାନର ସାଗର ଅଟନ୍ତି । ପ୍ରତ୍ୟହ ନୂଆ ନୂଆ କଥା ଶୁଣାଉଛନ୍ତି । ବିଶ୍□ର ଇତିହାସ-ଭୂଗୋଳ ଶୁଣାଇଲାବାଲା ରଚୟିତା ବାବା ଅଟନ୍ତି, ଯିଏକି ଆଦି-ମଧ୍ୟ-ଅନନ୍ତର ଜ୍ଞାନ ଶୁଣାଉଛନ୍ତି । ତୁମେମାନେ ଲାଇଟ୍ ହାଉସ୍ ଅର୍ଥାତ୍ ବତୀଘର ଏବଂ ସ୍□ଦର୍ଶନ ଚକ୍ରଧାରୀ ଅଟ । କିନ୍ତୁ ମାୟା ତୁମକୁ ଭୁଲାଇ ଦେଉଛି । ସେଥିପାଇଁ ଅଣନିଶ୍□ାସୀ ହୋଇଯାଉଛ । କିଛି ନା କିଛି ପ୍ରଭାବ ତ ପଡିଯାଉଛି । କର୍ମର ହିସାବ କିତାବ ରହିଛି ନା । ଯେ ପର୍ଯ୍ୟନ୍ତ କର୍ମାତୀତ ଅବସ୍ଥା ନ ହୋଇଛି କିଛି ନା କିଛି ବିଘ୍ନ ପଡି ଚାଲିବ । ହିସାବ-କିତାବ ସମାପ୍ତ ହେବା ମାତ୍ରେ ଶରୀର ଛାଡି ଦେବ, ପୁଣି ଲଢେଇ ଆରମ୍ଭ ହୋଇଯିବ । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ବିକାର ଗୁଡିକୁ ଦାନ ଦେଇ ପୁଣି ଫେରାଇ ନେବାର ନାହିଁ । ମୁଖ ଦ୍□ାରା ଶୁଭ କଥା ହିଁ କହିବାକୁ ହେବ । ବହୁତ-ବହୁତ ମିଠା ହେବାକୁ ପଡିବ । ବାବାଙ୍କ ସମାନ ସ୍ନେହର ସାଗର ହୋଇ ରହିବାକୁ ହେବ ।

(୨) ସାଇଲେନ୍ସରେ (ଶାନ୍ତ ଚିତ୍ତ ଅବସ୍ଥାରେ) ରହି ବିନା ପଇସା ଖର୍ଚ୍ଚରେ ବିଶ୍□ର ବାଦଶାହୀ ନେବାକୁ ହେବ । ବାବାଙ୍କର ସ୍ମୃତିରେ ଅଳ୍ପ ବହୁତ ଖର୍ଚ୍ଚ କରି ୨୧ ଜନ୍ମ ପାଇଁ ଆମଦାନୀ କରିବାକୁ ହେବ ।

ବରଦାନ:- ତ୍ରିକାଳଦର୍ଶୀ ସ୍ଥିତି ଦ୍□ାରା ମାୟାର ଆକ୍ରମଣଠାରୁ ସୁରକ୍ଷିତ ରହୁଥିବା ଅତିନ୍ଦ୍ରୀୟ ସୁଖର ଅଧିକାରୀ ଭବ ।

ସଂଗମଯୁଗର ବିଶେଷ ବରଦାନ ବା ବ୍ରାହ୍ମଣ ଜୀବନର ବିଶେଷତା ହେଲା - ଅତିନ୍ଦ୍ରୀୟ ସୁଖ । ଏହି ଅନୁଭବ ଅନନ୍ୟ କୌଣସି ବି ଯୁଗରେ ହୋଇ ନ ଥାଏ । କିନ୍ତୁ ଏହି ସୁଖର ଅନୁଭୂତି କରିବା ପାଇଁ ତ୍ରିକାଳଦର୍ଶୀ ସ୍ଥିତି ଦ୍□ାରା ମାୟାର ଆକ୍ରମଣଠାରୁ ସୁରକ୍ଷିତ ରୁହ । ଯଦି ବାରମ୍ବାର ମାୟାର ଆକ୍ରମଣ ହୋଇ ଚାଲିଥିବ ତେବେ ଇଚ୍ଛା କଲେ ମଧ୍ୟ ଅତିନ୍ଦ୍ରୀୟ ସୁଖର ଅନୁଭବ କରିପାରିବ ନାହିଁ । ଯେଉଁମାନେ ଅତିନ୍ଦ୍ରୀୟ ସୁଖର ଅନୁଭବ କରିନିଅନ୍ତି ସେମାନଙ୍କୁ ଇନ୍ଦ୍ରିୟ ସୁଖ ଆକର୍ଷିତ କରିପାରିବ ନାହିଁ, ଜ୍ଞାନୀ ହୋଇଥିବା କାରଣରୁ ସେମାନେ ତାକୁ ତୁଚ୍ଛ ମନେ କରିବେ ।

ସ୍ଲୋଗାନ:- କର୍ମ ଦ୍□ାରା ସେବା ଏବଂ ସଂକଳ୍ପ ଦ୍□ାରା ସେବା, ଉଭୟର ସନ୍ତୁଳନ ରହିଥିଲେ ଶକ୍ତିଶାଳୀ ବାୟୁମଣ୍ଡଳ ନିର୍ମାଣ କରିପାରିବ ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଇଶାରା:- ବ୍ରହ୍ମାବାବାଙ୍କ ସମାନ ସମ୍ପନ୍ନ ଏବଂ ସମ୍ପୂର୍ଣ୍ଣ ସ୍ଥିତିର ଅନୁଭବ କର ।

ଯେମିତି ବି ଅଛୁ, ଯେମିତିକା ପରିସ୍ଥିତି ଆମ ସାମନାରେ ଅଛି, ସେହି ସବୁ ପରିସ୍ଥିତି ଭିତରେ ରହି ଏହି ଶରୀରରେ ହିଁ ମୋତେ ସମ୍ପୂର୍ଣ୍ଣ ହେବାକୁ ପଡିବ, ଏହି ଲକ୍ଷ୍ୟ ରଖ । ତୁମମାନଙ୍କର ସଂଗମଯୁଗୀ ସମ୍ପୂର୍ଣ୍ଣ ସ୍□ରୂପର ଗାୟନ ଶକ୍ତି ରୂପରେ ଏବଂ ପାଣ୍ଡବ ରୂପରେ ହେଉଛି । ଯେତେବେଳେ ତୁମେମାନେ ଏହି ସ୍□ରୂପରେ ସ୍ଥିତ ହେବ ସେତେବେଳେ ଯାଇ ଜାଣିପାରିବ ଯେ ମୋ'ର ଭକ୍ତ କେଉଁମାନେ ଅଟନ୍ତି ଏବଂ ପ୍ରଜା କେଉଁମାନେ ଅଟନ୍ତି ।

ଯେଉଁମାନେ ପ୍ରଜା ହୋଇଥିବେ ସେମାନେ ପାଖକୁ ଆସିବେ ଏବଂ ଯେଉଁମାନେ ଭକ୍ତ ହୋଇଥିବେ ସେମାନେ ଶେଷ ସମୟରେ ପାଦ ତଳେ ମୁଣ୍ଡ ନୁଆଇଁବେ ।